
ISSN 0973-3264

# ସପ୍ତର୍ଷି

## ଦ୍ୱିତୀୟ ସଂଖ୍ୟା - ୨୦୨୦

## (ଏପ୍ରିଲ - ଜୁନ୍)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧. | ଭାଷା ସଂସ୍ଥାପକ ସାରଳା ଦାସ ଓ ଓଡ଼ିଆ ମହାଭାରତ | ଡ଼. ଗଣେଶ ପ୍ରସାଦ ସାହୁ | ୧ |
| ୨. | ସାମ୍ପ୍ରତିକ ଓଡ଼ିଆ କବିତାରେ ବିଶ୍ବୋପଲବଧି | ସ୍ନେହାଞ୍ଜଳି ମହାପାତ୍ର | ୬ |
| ୩. | ୧୯୬୦ ପରବର୍ତ୍ତୀ ଓଡ଼ିଆ କବିତାରେ ଶବ୍ଦ ସଂଯୋଜନା ଓ ଭାଷାଶୈଳୀ | ରଶ୍ମିରଞ୍ଜନ ନାୟକ | ୧୪ |
| ୪. | ଦେବ୍ରାଜ ଲେଙ୍କାଙ୍କ ଦସ୍ୟୁରାଣୀ ଫୁଲନ ବାଈ ଏକ ଆଲୋଚନା | ଦିଲିପ ରାଉତ | ୨୨ |
| ୫. | ଭୁବନେଶ୍ୱର ବେହେରାଙ୍କ ଗଳ୍ପରେ ମାନବେତର ଚରିତ୍ର – ଏକ ଅଧ୍ୟୟନ | ଜଗନ୍ନାଥ ସାହୁ | ୨୬ |
| ୬. | ଜୀବନବାଦୀ ପାରଦର୍ଶୀ କଥାକାର : ଅରବିନ୍ଦ ରାୟ | ଡ. ହେମଲତା ବେହେରା | ୪୧ |
| ୭. | ଅନନ୍ୟ ଅନ୍ୱେଷା : 'ରାଣୀ ଶ୍ୟାମାବତୀ' ଉପନ୍ୟାସରେ ବୌଦ୍ଧଦର୍ଶନର ପ୍ରତିଫଳନ | ଡକ୍ଟର ଦେବଦର୍ଶିନୀ ସାହୁ | ୪୮ |
| ୮. | କନ୍ଧ ଭାଷାରେ ଭଗବାନଙ୍କ ଉବାଚ୍ୟ | ମଧୁସୂଦନ ମାଝୀ | ୫୫ |
| ୯. | ଆଦିବାସୀ ସଂସ୍କୃତି ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ | ଡଃ ନାକୁ ହାଁସ୍‌ଦାଃ | ୫୬ |
| ୧୦. | ଭତରା ଜନଜାତିର ଆଧାତ୍ମିକ ଚେତନାରେ 'ଡୁମା'ର ସ୍ଥାନ | ଯାଜ୍ଞସେନୀ ପ୍ରଧାନୀ | ୬୨ |
| ୧୧. | ଗୁରୁ ମଙ୍ଗେଇ ଗମାଙ୍ଗଙ୍କ ସଉରା "ସୋମ୍‌ପେ" | ଡ. ପ୍ରକାଶ କୁମାର ସେନାପତି | ୬୬ |
| ୧୨. | କଳାହାଣ୍ଡିର ଦେଶିଆ କନ୍ଧମାନଙ୍କର 'ବରଗ୍' : ଏକ ଆଲୋଚନା | ଶ୍ରୀମାନ୍ ସୁରେଶ କୁମାର ମାଝୀ | ୭୨ |
| ୧୩. | ଆଧୁନିକ ଓଡ଼ିଆ ନାଟକରେ ଅତିକଳ୍ପନାର ପ୍ରୟୋଗ | ଡ. ନୀଳମଣି ମେହେର | ୭୫ |
| ୧୪. | ସାଂସ୍କୃତିକ ମୂଲ୍ୟବୋଧର ଅବକ୍ଷୟ : ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର | ପିଙ୍କି କର | ୮୩ |
| ୧୫. | ନୀଳାଦ୍ରୀ ଭୂଷଣ ହରିଚନ୍ଦନଙ୍କ ନାଟକରେ ଇତିହାସର ପଦଧ୍ୱନି | ନୀଳମାଧବ ଛତ୍ର | ୮୮ |
| ୧୬. | ଶ୍ରୀଅରବିନ୍ଦ ଓ ବୁଦ୍ଧଦର୍ଶନ : ଏକ ତୁଳନାତ୍ମକ ଅଧ୍ୟୟନ | ଡ. ଶୁକମୁନି ମେହେର | ୯୪ |
| ୧୭. | ବାହାରେ ଛିଡ଼ାହୋଇଥିବା ଲୋକର ଠିକଣା ଖୋଜି ଖୋଜି...... | ଡ. ଆଲୋକ ବରାଳ | ୯୭ |
| ୧୮. | ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣ ସାହିତ୍ୟରେ ଓଡ଼ିଶାର ଚିତ୍ର | ଶ୍ରୀଧର ବାରିକ | ୧୧୮ |

# ଆଦିବାସୀ ସଂସ୍କୃତି ଓ ପ୍ରାଚୀନ ଓଡ଼ିଆ ସାହିତ୍ୟ

ଡଃ ନାକୁ ହାଁସଦାଃ

ଆଦିବାସୀ କହିଲେ ପ୍ରଥମ ବାସିନ୍ଦାଙ୍କୁ ହିଁ ବୁଝାଇଥାଏ । ଅର୍ଥାତ୍ ଆମ ଦେଶ ତଥା ରାଜ୍ୟର ଯେଉଁମାନଙ୍କୁ ପ୍ରଥମ ବାସୀନ୍ଦାର ମାନ୍ୟତା ଦିଆଯାଇ ଆସିଅଛି, ସେମାନଙ୍କୁ ଆଦିବାସୀ ଗୋଷ୍ଠୀର ପର୍ଯ୍ୟାୟଭୁକ୍ତ କରାଯାଇଥାଏ । ଏମାନଙ୍କ ସଂଖ୍ୟା ଜାତୀୟ ସ୍ତରରେ ସାତ ଦଶମିକ ପାଞ୍ଚ ପ୍ରତିଶତ ହୋଇଥିବା ସ୍ଥଳେ ଓଡ଼ିଶାରେ ଏହା ମୋଟ ଜନସଂଖ୍ୟାର ଏକ ତୃତୀୟାଂଶ ଅଟେ । ଏଥିପାଇଁ ହିଁ ଓଡ଼ିଶାକୁ ଆଦିବାସୀ ବହୁଳ ରାଜ୍ୟଭାବେ ଗଣନା କରାଯାଇଥାଏ । ପୁରାଣ ଯୁଗରେ ଏହାକୁ 'ଅଛବ' ଭୂମି ଭାବେ ବିବେଚନା କରାଯାଇ ଆସିଥିଲା । ଆର୍ଯ୍ୟମାନେ ଏହି ଅଞ୍ଚଳକୁ ଆସୁନଥିଲେ, କୌଣସି କାରଣ ବଶତଃ କେହି ଏଠାକୁ ଆଗମନ କଲେ ନିର୍ଦ୍ଦିଷ୍ଟ ବିଧିମୋତେ ଶୁଚିବନ୍ତ ହେବାକୁ ପଡୁଥିଲା । ଅପରପକ୍ଷରେ ଆଦିବାସୀ ମାନଙ୍କ ମଧ୍ୟରୁ ଅନେକ ସମ୍ପ୍ରଦାୟରେ ଆର୍ଯ୍ୟମାନଙ୍କୁ 'ଛାଡିକ୍' (ଅଛୁଆଁ) ଗୋଷ୍ଠୀର ବୋଲି ବିବେଚନା କରାଯାଇ ଆସିଥିଲା । ଏହି ଧରଣର ପାରମ୍ପରିକ ବିଧିବ୍ୟବସ୍ଥା ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଶତ୍ରୁତା ଥିବା କଥାକୁ ସୂଚାଇଥାଏ । ପ୍ରଥମ ପର୍ଯ୍ୟାୟରେ ଏଥିସକାଶେ ହିଁ ଦୀର୍ଘ ଦିନ ଧରି ସଂଘର୍ଷର ସୂତ୍ରପାତ ହୁଏ । ପରେ ପରେ ଏହା ସହାବସ୍ଥାନରେ ଶେଷ ହୋଇଅଛି । ଏହି ସହାବସ୍ଥା ନ ଆସିବାକୁ ନିଶ୍ଚୟ ଅନେକ ବର୍ଷ ଲାଗିଯାଇଥିବ କିନ୍ତୁ ଏକଥା ଯାହାହେଉନା କାହିଁକି ଏହି ଅବସ୍ଥା ଆସିବା ପରେ ହିଁ ଏମାନେ ପରସ୍ପରକୁ ଗ୍ରହଣ କରିପାରିଛନ୍ତି । ବିଶେଷତଃ ସେମାନଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ହୋଇଥିବା କଥା ସ୍ୱଭାବିକ ମନେହୁଏ ।

ଯେ କୌଣସି ସଂସ୍କୃତି କଥା ଯେତେବେଳେ ଆଲୋଚନା କରାଯାଏ ସେତେବେଳେ ତାହା କୌଣସି ନା କୌଣସି ଦିଗରୁ ଅପୂର୍ଣ୍ଣ ରହିଯାଏ । କାରଣ ସଂସ୍କୃତିର କଳେବର ଏତେ ବିସ୍ତୃତ ଯେ ତାହାକୁ କୌଣସି ଆଲୋଚନା ପରିସର ମଧ୍ୟରେ ରଖାଯିବା ସମ୍ଭବ ହୋଇନଥାଏ । ପୁଣି ଆଦିବାସୀଙ୍କ ପରି ଏକ ପ୍ରାଚୀନ ଜାତିର ସଂସ୍କୃତି କଥା ଯେତେବେଳେ କୁହାଯାଇଥାଏ, ସେତେବେଳେ ତାହା ଅପେକ୍ଷାକୃତ ଅଧିକ ଜଟିଳ ହୋଇଉଠେ । କାରଣ ୨୦୦୧ ମସିହାର ଜନଗଣନା ଆଧାରରେ ସମଗ୍ର ଭାରତ ବର୍ଷର ୪୩୭ ପ୍ରକାରର ଆଦିବାସୀ ରହିଥିବା କଥା ଜଣାଯାଇଥାଏ । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୬୨ ପ୍ରକାର ଗୋଷ୍ଠୀର ବୋଲି ଜଣାଯାଇଥାଏ । ପୁନଶ୍ଚ ପ୍ରତ୍ୟେକ ଗୋଷ୍ଠୀର ଏକ ଏକ ସ୍ୱତନ୍ତ୍ର ସଂସ୍କୃତି ରହିଛି । ସେମାନଙ୍କ ସଂସ୍କୃତିର ପରିଭାଷା ନିର୍ଦ୍ଧାରଣ କରିବା ଏକ କଠିନ ବ୍ୟାପାର । ତଥାପି ଏତିକି କୁହାଯାଇପାରେ "ଆଦିବାସୀମାନଙ୍କ ଚଳିଚଳନ, ରୀତିନୀତି, ନୃତ୍ୟଗୀତ, ଖାଦ୍ୟପେୟ ଆଦିକୁ ସେମାନଙ୍କ ସଂସ୍କୃତିର ପର୍ଯ୍ୟାୟଭୁକ୍ତ କରାଯାଇପାରେ । ମୋଟାମୋଟି ଭାବେ କହିଲେ ଆଦିବାସୀ ସମାଜର ରୁଚିକୁ ଆଦିବାସୀ ସଂସ୍କୃତି ବୋଲି କୁହାଯାଇପାରେ ।" ଏବେ କଥା ଉଠୁଛି ସେମାନଙ୍କ ସଂସ୍କୃତିର କଥା ଓଡ଼ିଆ ସାହିତ୍ୟରେ କିପରି ପ୍ରତିଫଳିତ ହୋଇଅଛି ? ଏହାର ଉତ୍ତରରେ ଏହା କୁହାଯାଇପାରେ ଓଡ଼ିଆ ସାହିତ୍ୟରେ ଆଦିବାସୀଙ୍କ କଥା କୁହାଯାଇଅଛି ସତ ! କିନ୍ତୁ ସେମାନଙ୍କ ସଂସ୍କୃତି ସମ୍ବନ୍ଧରେ ସେମିତି ! ବିଶେଷ କିଛି କୁହାଯାଇ ନାହିଁ । ତଥାପି ଯାହା କୁହାଯାଇଅଛି ତାହାକୁ ମଧ୍ୟ ହେୟଜ୍ଞାନ କରାଯାଇ ନପାରେ । ମୁଁ ଏହି ଆଲୋଚନାରେ କେବଳ ପ୍ରାଚୀନ ଓଡ଼ିଆ ସାହିତ୍ୟର କିଛି ଅଂଶ ମାତ୍ର ପରିସରଭୁକ୍ତ କରିପାରିଅଛି । ଏଥିସକାଶେ ମୁଁ ସେହି ପ୍ରାଚୀନ ସାହିତ୍ୟିକଗଣ ଯେଉଁମାନେ ଓଡ଼ିଆ ସାହିତ୍ୟର ମୂଳଦୁଆକୁ ସ୍ଥାପନ କରିଯାଇଅଛନ୍ତି ସେମାନଙ୍କ ନିକଟରେ ଏବଂ ଆପଣମାନଙ୍କ ନିକଟରେ କ୍ଷମାଭିକ୍ଷା କରୁଅଛି ।

**ପ୍ରାକ୍ ସାରଳାଯୁଗ :-**

ପ୍ରାକ୍ ସାରଳାଯୁଗର ଓଡ଼ିଆ ଲିଖିତ ସାହିତ୍ୟ କହିଲେ ମୁଖ୍ୟତଃ ଚର୍ଯ୍ୟାଗୀତିକାକୁ ବୁଝାଇଥାଏ । ଅବଶ୍ୟ ଏହାକୁ କେବଳ

ଓଡ଼ିଆ ସାହିତ୍ୟର ଆଦିରୂପ ବୋଲି କୁହାଯାଇ ନପାରେ, ବରଂ ପୂର୍ବ ଭାରତୀୟ ଭାଷା ସମୂହର ଆଦିରୂପ କହିଲେ ଅଧିକ ଯୁକ୍ତି ସଙ୍ଗତ ମନେହୁଏ । ଏହି ସାହିତ୍ୟରେ ଆଦିବାସୀ ରମଣୀମାନଙ୍କୁ ସହଜମାନୀ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ସାଧନ ସଙ୍ଗିନୀ ଭାବେ ଚିତ୍ରଣ କରାଯାଇଅଛି । ଏହାର କାରଣ ସ୍ୱରୂପ ଅନେକ ତଥାକଥିତ ବିଜ୍ଞ ଆଲୋଚକ ଗଣ ସ୍ପଷ୍ଟ ଭାବରେ ମତବ୍ୟକ୍ତ କରିଚି ଯେ ତତ୍କାଳୀନ ସମାଜରେ ଏମାନେ ଥିଲେ ସହଜଲଭ୍ୟା ନାରୀ । ଏହି ଧରଣର ମତବାଦ ଯେଉଁମାନେ ପ୍ରଦାନ କରିଛନ୍ତି ସେମାନେ କେହିହେଲେ ମଧ୍ୟ ଆଦିବାସୀ ନୁହଁନ୍ତି । ତେଣୁ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସେମାନେ ଆଦିବାସୀମାନଙ୍କ ସମ୍ବନ୍ଧରେ ଆଦିବାସୀ ସଂସ୍କୃତି ସମ୍ବନ୍ଧରେ କେତେମାତ୍ରାରେ ପରିଚିତ ଅଛନ୍ତି ? ଯେତେଦୂର ମନେହୁଏ ସେମାନେ ଆଦିବାସୀଙ୍କ ସଂସ୍ପର୍ଶରେ ହୁଏତ କେବେହେଲେ ମଧ୍ୟ ଆସିନଥିବେ, ଯଦି ଆସିଥିବେ ତାହେଲେ ତାହା କେବଳ ଉପର ଠାଉରିଆ ହିଁ ହୋଇଥିବ । କାରଣ ଆଦିବାସୀମାନେ ଯେତେମାତ୍ରାରେ ରକ୍ଷଣଶୀଳ ବୋଧହୁଏ ଆଉ ଅନ୍ୟ କୌଣସି ସମ୍ପ୍ରଦାୟ ନାହାନ୍ତି, ଯେଉଁମାନେ ସେମାନଙ୍କ ସହିତ ସମକକ୍ଷ ହୋଇପାରିବେ । ଏହି ରକ୍ଷଣଶୀଳ ମନୋଭାବ ହିଁ ଆଦିବାସୀ ମାନଙ୍କର ଉଭୟ ଶକ୍ତି ଏବଂ ଦୁର୍ବଳତା । ଅନେକ ସମ୍ପ୍ରଦାୟର ଆଦିବାସୀ ରହିଛନ୍ତି ଯେଉଁମାନେ ନିଜ ସମ୍ପ୍ରଦାୟ ବ୍ୟତୀରେକ ଅନ୍ୟ କୌଣସି ସମ୍ପ୍ରଦାୟର ଆଜିସୁଦ୍ଧା ସ୍ପର୍ଶ କରନ୍ତି ନାହିଁ । ତେଣୁ ସେହି ସମାଜର ନାରୀ ପୁଣି ସହଜଲଭ୍ୟା ହେବେ ଏକଥା କେବେହେଲେ ମଧ୍ୟ ବିଶ୍ୱାସଯୋଗ୍ୟ ମନେହୁଏ ନାହିଁ । ପୁନଶ୍ଚ ଏହା ସହଜଣାନୀ ବୌଦ୍ଧ ସନ୍ୟାସୀମାନଙ୍କ ସକାଶେ ! ଏଠାରେ ଏକଥା ଉଲ୍ଲେଖଯୋଗ୍ୟ ଆଦିବାସୀମାନଙ୍କର ନିଜସ୍ୱ ଧର୍ମ ରହିଛି । ସେମାନଙ୍କ ମଧ୍ୟରୁ ବୌଦ୍ଧଧର୍ମ ଗ୍ରହଣ କରିଥିବା କିମ୍ବା ସେମାନଙ୍କ ଧର୍ମରେ ବୌଦ୍ଧ ଧର୍ମର ପ୍ରଭାବ ରହିଥିବାର ଓଡ଼ିଶାର ଆଦିବାସୀମାନଙ୍କ ଠାରେ ଦୃଷ୍ଟିଗୋଚର ହୁଏ ନାହିଁ । ତେଣୁ ସେମାନଙ୍କୁ ବୌଦ୍ଧଧର୍ମ ସହିତ କାହିଁକି ଯୋଡ଼ା ଯାଇଅଛି, ଠିକ୍ ଭାବରେ ବୁଝି ହୁଏନାହିଁ । ବୋଧହୁଏ ଏହି ଦିଗରେ ଗବେଷଣା କାର୍ଯ୍ୟମାନ କରାଗଲେ ଅନେକ ନୂତନତଥ୍ୟ ଲୋକଲୋଚନକୁ ଆସିପାରିଥାନ୍ତି ।

ଏହିସବୁ ସତ୍ତ୍ୱେ ମଧ୍ୟ ଚର୍ଯ୍ୟାଗୀତିକା ଗୁଡ଼ିକରେ ଯେ ଆଦିବାସୀମାନଙ୍କ ସଂସ୍କୃତିର କଥା ଆଦୌ କୁହାଯାଇ ନାହିଁ ଅବା ଯାହା କୁହାଯାଇଅଛି ସେସବୁ ଭୁଲ୍ ସେମିତିକା ଭାବିବା ମଧ୍ୟ ଯୁକ୍ତି ସଙ୍ଗତ ମନେହୁଏ ନାହିଁ । କାରଣ ସେହି ଚର୍ଯ୍ୟାକାରମାନେ ମଧ୍ୟ ସେମାନଙ୍କ ବେଶଭୂଷା ପ୍ରେମ, ପ୍ରଣୟର କଥା ଅତ୍ୟନ୍ତ ରସାଳପୂର୍ଣ୍ଣ ଭାବେ ରଚନା କରିଯାଇଅଛନ୍ତି । ଯେଉଁଥିରେ ସେମାନଙ୍କ ବାସ୍ତବତାକୁ ଅନୁଭବ କରିହୁଏ । ଆଜିର ଆଦିବାସୀ ଚଳଣୀ ତଥା ପରମ୍ପରାରେ ଅନୁଭବ କରାଯାଇପାରେ ଯଥା :-

ଉଁଚ୍ଚ ଉଁଚ୍ଚ ପାବତି ତହିଁ ବସଇ ସବରୀ ବାଲୀ
ମୋରଙ୍ଗୀ ପିଛ ପରହିଣ ଗବତ ଗୁଞ୍ଜରୀ ମାଲୀ
ଉମତ ସବରୋ ସବରୋ ପାଗଲ
ସବରୋ ମା କର ଗୁଲୀ ଗୁରାଡ଼ା ତୋର ।

ଶବରୁଣୀ ଅତ୍ୟନ୍ତ ସୁନ୍ଦରୀ ଦେଖାଯାଉଛି । ଉଚ୍ଚ ପର୍ବତ ଚୂଡ଼ା ଦେଶରେ ଅବସ୍ଥାନ କରୁଛି । ତାର ଜୁଡ଼ାରେ ମୟୂର ପୁଚ୍ଛର ଖୋସା ଏବଂ ବେକରେ କାଇଁଚମାଳୀ ତାକୁ ଅପୂର୍ବ ଲୀଳାମୟୀ କରିଅଛି । ଏହିପରି ସୁନ୍ଦରୀକୁ ଦେଖି ଶବର (ଶବରପାଦ) ଉନ୍ମତ୍ତ ହୋଇ ଉଠିଛନ୍ତି ।

ଏହି ଧରଣର ବର୍ଣ୍ଣନାମାନଙ୍କରେ ସେମାନଙ୍କ ସଂସ୍କୃତିର ଆଭାଷ କିଛିଟା ଅନୁଭବ କରିହୁଏ । ତେଣୁ ତାହାକୁ ହେୟଜ୍ଞାନ କରାଯାଇ ନପାରେ ।

**ସାରଳା ଯୁଗ :-**

ସାରଳା ସାହିତ୍ୟରେ ଆଦିବାସୀମାନଙ୍କ କଥା କୁହାଯାଇଅଛି ସତ ! କିନ୍ତୁ ଏଥିରେ ମଧ୍ୟ ସେହି ଶବର କନ୍ଧ ସମ୍ପ୍ରଦାୟ ମଧ୍ୟରେ ହିଁ ଏହା ସୀମିତ ହୋଇ ରହିଯାଇଅଛି । ଶବରମାନଙ୍କ କଥା କହିଲାବେଳେ ସେମାନଙ୍କ ସଂସ୍କୃତି ସମ୍ବନ୍ଧରେ ବିଶେଷ କିଛି କୁହାଯାଇ ନାହିଁ । ଯାହା କୁହାଯାଇଅଛି ତାହାକୁ ନିମ୍ନ ପ୍ରକାରେ ଆଲୋଚନା କରାଯାଇପାରେ

**(କ) ବେଶପରିପାଟୀ :-**

ସାରଳା ମହାଭାରତର ସଭାପର୍ବରେ ଶ୍ରୀକୃଷ୍ଣ କନ୍ଧ ନୃପତିଙ୍କୁ ଭେଟିଥିବାର କଥା ବର୍ଣ୍ଣନା କରାଯାଇଅଛି । ସେ କନ୍ଧ ରାଜାର ନାମ 'ଭାସ୍କର' ।

କବି ଲେଖିଛନ୍ତି -

"ତାଡ଼ ବାହୁଙ୍କି ଯେ ସରଳ ଜଗଦଳା
ହୃଦରେ ଭୂଷଣ ରତ୍ନମାଳ କର୍ଣ୍ଣଫୁଲ ରତ୍ନମାଳା ।"

ଏହିପରି ବେଶବିମଣ୍ଡିତ ହୋଇଥିବା କନ୍ଧ ନୃପତିଙ୍କୁ ଶ୍ରୀକୃଷ୍ଣ ଆଦେଶ ଦେଇଛନ୍ତି, ଯେ ସେ ରାଜସୟ ଯଜ୍ଞର ଭୋଜି ନିମିତ୍ତ ବାରହା, ମୃଗ, ହରିଣ ଓ ଗଣ୍ଡା ମାଂସ ଯୋଗାଇବ । ପୁଣି ଭୀସର କୋଶଳଦେଶ ଗମନରେ ସଭା ପର୍ବରେ ରହିଛି ଯେ, ସେହି ଦେଶର ସେ ବିରାଜ ନାମକ ବେଣ୍ଟକାର ବା ଶବରଙ୍କୁ ଭେଟିଛି । ସେ କାନ୍ଧରେ ବୋହିକରି ନେଉଥିଲା ଗଣ୍ଡାଭାର । ଅତ୍ୟନ୍ତ ସେହି ପର୍ବରେ ଭୀସ କନାଉଜ ଦେଶର ରାଜା 'ଶବରୀ ନାରାୟଣ'ଙ୍କୁ ଭେଟିବାର ବର୍ଣ୍ଣନା ରହିଛି । ସେହି ପର୍ବରେ ଅର୍ଜୁନର କିରାତ ରୂପ ଧାରଣରେ ଶବର ବେଶଭୂଷା ତଥା ଶିକାର ବେଶର ଚିତ୍ର ସୁସ୍ପଷ୍ଟହୋଇ ଉଠିଛି ।

"କିରାତ ରୂପ ଧରି ବନ ଜୀବ ଲୋଡୁଅଛି
ତାଳପତ୍ର ଆଭରଣ କଣ୍ଠେ ଗଜମାଳି ଗଛି ।
ଲଲାଟେ ଗୁଞ୍ଜିରା ଶରୀରେ ମୟୂୟ ଝାଲମାରି
ଧାମଣା କାଠର ଧନୁ ଆମଂଦ୍ଧନ କରି ।
ଧାମଣା କାଠର ଧନୁ କଣ୍ଡା ବାୟେଂସର ଗୁଣ
ଫିରିକି ନାରାଚ କରେ ତାଳପତ୍ର ଆଭରଣ ।"
(ସଭାପର୍ବ)

ଏହି ପ୍ରକାରେ ବିଭିନ୍ନ ସ୍ଥାନରେ ଶବରମାନଙ୍କ ବେଶପରିପାଟୀ କଥା ବର୍ଣ୍ଣନା କରାଯାଇଅଛି । ତାହା ପ୍ରାୟତଃ ସେହି ଗୋଟିଏ ଧରଣର ସେହିମାଳୀ, ମୟୂରଝାଲ, ତାଳପତ୍ର ଆଭରଣ ସର୍ବତ୍ର ଦିଆଯାଇଅଛି । ଅବଶ୍ୟ ଏମିତି ବେଶ ବିମଣ୍ଡିତ ହେବା ଆଦିବାସୀ ସମାଜରେ ପ୍ରଚଳିତ ଥିଲା ଏବଂ ଏବେ ମଧ କିଛି ମାତ୍ରାରେ ରହିଛି । କିନ୍ତୁ ପରିତାପର ବିଷୟ ସେମାନେ କେଉଁ ଧରଣର ବସ୍ତ୍ର ପରିଧାନ କରୁଥିଲେ ସେ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇ ନାହିଁ । ଏଠାରେ ପ୍ରଶ୍ନ ଉଠେ ଯେଉଁ ଜାତି ବିଭିନ୍ନ ଅସ୍ତ୍ର ଶସ୍ତ୍ର ଏବଂ ଅଳଙ୍କାର ଆଦିର ବ୍ୟବହାର ଜାଣି ସାରିଥିଲା ସେ କ'ଣ ବସ୍ତ୍ର ବ୍ୟବହାର କଥା ଜାଣିନଥିଲା ? ଯଦି ଜାଣିଥିଲା ତାହାର ବର୍ଣ୍ଣନା କାହିଁକି ଦିଆଯାଇ ନାହିଁ ତାହା ଆଲୋଚନା ଅପେକ୍ଷ ।

**(ଖ) ଖାଦ୍ୟ ପ୍ରସ୍ତୁତି :-**

ବନ ପର୍ବରେ ଭୀମର ରାନ୍ଧଣା ବର୍ଣ୍ଣନା ପ୍ରସଙ୍ଗରେ 'ଶବରୀ' ବା 'ସଉରୀ' ରାନ୍ଧଣା ବର୍ଣ୍ଣିତ । ଭଗବାନ ଶବରୀ ନାରାୟଣ ରୂପେ ଅବତୀର୍ଣ୍ଣ ହେଲେ ଓ ସରସ୍ୱତୀ ରୂପେ ତାଙ୍କର ସେବାକଲେ ଶବରୀ । ସେମାନେ ବଣରେ କାଠ କୁଟା ସଂଗ୍ରହ କରନ୍ତି ଓ କନ୍ଦମୂଳ ମାଂସ ପ୍ରଭୃତି ଯାହା ପାଆନ୍ତି, ତାହା ଆଣନ୍ତି । ସେମାନେ କିପରି ମୃଗମାଂସ ପ୍ରଭୃତି ରାନ୍ଧନ୍ତି ତାହା ବର୍ଣ୍ଣନା କରିବାକୁ ଯାଇ କବି ଉଲ୍ଲେଖ କରନ୍ତି -

"ମୃଗମାଂସ ଆମ୍ବିଳା କଞ୍ଚା ମହୁଲ ଗିରି ଅଞ୍ଚା
ସମସ୍ତ ଯେବ ଯୋଗକରି ପତ୍ରେବ କରି ସଞ୍ଚା ।
ତଇଲ କ୍ଷୀର ଲବଣ ପତ୍ରେ ସବୁଭରି
ସିଆଳି ଅତା ଗୁଡ଼ିଆଇଁ ଅଗ୍ନିରେ ନେଇଁ ପୋଡ଼ି ।
ଅଗ୍ନିରେ ଜାଳି ତାହା ପୋଡି ହୋଯେ ତାଙ୍କୁ
ଭୋଜନ କରିଣ ହିତେ କେହି ସରି ନୁହଇଁ ତାହାକୁ
ଯେହାକୁ ଯେ ବୋଲି ସଉରି ରାନ୍ଧଣା ପ୍ରତି
ଶବରୀ ରୂପେ ତାରା ସୃଜିଲେ ସରସ୍ୱତୀ । (ବିରାଟ ପର୍ବ)"

ରାନ୍ଧଣାର ବର୍ଣ୍ଣନା ପ୍ରସଙ୍ଗରେ ମଧ ଏହି ରାନ୍ଧଣାକୁ ଛାଡ଼ି ସେମାନଙ୍କର ଅନ୍ୟ ରାନ୍ଧଣାର କଥା ଦିଆଯାଇ ନାହିଁ ।

ଏହି ପ୍ରକାରେ ସାରଳା ସାହିତ୍ୟରେ ଶବର ଆଦିବାସୀଙ୍କ ଜୀବନ ଚିତ୍ର ମାଧମରେ ଆଦିବାସୀଙ୍କ କଥା କୁହାଯାଇଅଛି । ଯେଉଁଥିରେ ସେମାନଙ୍କ ସଂସ୍କୃତିର କଥା କୁହାଯିବା ଅପେକ୍ଷା ସେମାନେ ଯେ ଆର୍ଯ୍ୟମାନଙ୍କ ତୁଳନାରେ ଅନୁନ୍ନତ ଏହି କଥା ବହୁ ଚତୁରତାର ସହିତ ପ୍ରମାଣିତ କରିବାକୁ ପ୍ରଚେଷ୍ଟା କରାଯାଇଥିବା ପରି ଜଣାଯାଇଥାଏ । ଆଦିକବି ସାରଳା ଦାସ ତାଙ୍କ ମହାଭାରତରେ ଦୁଇଗୋଷ୍ଠୀ ଆର୍ଯ୍ୟ ଏବଂ ଅନାର୍ଯ୍ୟର ସମନ୍ୱୟ କରାଇବା ସକାଶେ ଉଦ୍ୟମ କରିଥିବା ପରି ଜଣାଯାଇଥାଏ । ଏଥିପାଇଁ ହିଁ ଶବର ପୂଜିତ ନୀଳମାଧବ ଜଗନ୍ନାଥରେ ରୂପାନ୍ତରୀତ ହୁଅନ୍ତି । ଏହା ପୁଣି ସେମାନଙ୍କ ସହିତ ଛଳନା କରାଯାଇ । ଗଜପତି ମହାରାଜାଙ୍କ ପ୍ରରୋଚନାରେ ବିଦ୍ୟାପତି ବ୍ରାହ୍ମଣ ଶବର କନ୍ୟା ଲଳିତାଙ୍କୁ ପ୍ରେମର ଛଳନା ମାତ୍ର କରିଥିଲେ । ପ୍ରକୃତ ଉଦ୍ଦେଶ୍ୟ ଥିଲା ସେମାନଙ୍କ ଆରାଧ ଦେବତା ନୀଳମାଧବଙ୍କୁ ଛଡ଼ାଇ ଆଣିବା ।

ସେହିପରି ଏକଲବ୍ୟଙ୍କ ଗୁରୁଦକ୍ଷିଣା କଥା ମଧ୍ୟ ସର୍ବଜନ ବିଦିତ । ଏଥିରେ ମଧ୍ୟ ଦ୍ରୋଣାଚାର୍ଯ୍ୟଙ୍କ ଗୁରୁଦକ୍ଷିଣା ଏକ ଛଳନା ମାତ୍ର, ପ୍ରକୃତ ଉଦ୍ଦେଶ୍ୟ ହେଉଛି ଅର୍ଜୁନଙ୍କୁ ଶ୍ରେଷ୍ଠ ଧନୁର୍ଦ୍ଧର କରାଇବା । ଅର୍ଥାତ୍ ସାରଳ ସାହିତ୍ୟରେ ଆଦିବାସୀଙ୍କ ସଂସ୍କୃତି ଅପେକ୍ଷା ସେମାନଙ୍କ ସରଳତାର ସୁଯୋଗ ନେଇ ସେମାନେ କିପରି ଶୋଷଣର ସମ୍ମୁଖିନ ହୋଇଛନ୍ତି ତାହା ବର୍ଣ୍ଣନା କରାଯାଇଅଛି । ଅବଶ୍ୟ ସେମାନଙ୍କ ଠାରେ ସତ୍ୟନିଷ୍ଠତା, ଉଦାରତା, ଏକାଗ୍ରତା ପରି କେତେଗୁଡ଼ିଏ ମହତ୍ ମାନବୀୟ ଗୁଣାବଳୀ ସମୂହର ଆରୋପ କରାଯାଇ ତାଙ୍କର (ଆଦିବାସୀ ମାନଙ୍କର) ମହାନତାକୁ ସ୍ୱୀକାର କରାଯାଇଅଛି ।

**ପଞ୍ଚସଖା ଯୁଗ :-**

ପଞ୍ଚସଖା ଯୁଗର ପାଞ୍ଚଜଣ ବୈଷ୍ଣବ ଧର୍ମ ପ୍ରଚାରକ, ସନ୍ଥ ତଥା କବିମାନଙ୍କ ମଧ୍ୟରେ ବଳରାମ ଦାସଙ୍କୁ ବୟୋଜ୍ୟେଷ୍ଠ କବିର ମାନ୍ୟତା ଦିଆଯାଇଥାଏ । ଯାହାଙ୍କୁ ଉତ୍କଳ ବାଲ୍ମୀକି ବୋଲି ମଧ୍ୟ କୁହାଯାଇଥାଏ । କାରଣ ଏହି କବି ଓଡ଼ିଆ ଭାଷାରେ ସଂସ୍କୃତ ରାମାୟଣର ଭାଷାନୁବାଦ କରିଛନ୍ତି । ଯେଉଁ ରାମାୟଣ ଦାଣ୍ଡୀରାମାୟଣ ବା ଜଗମୋହନ ରାମାୟଣ ରୂପରେ ସର୍ବତ୍ର ପରିଚିତ । ଏହି ରାମାୟଣରେ ଶବର ଆଦିବାସୀମାନଙ୍କ କଥା ବିଭିନ୍ନ ସ୍ଥାନରେ (ଅଯୋଧ୍ୟା କାଣ୍ଡରେ) ବର୍ଣ୍ଣନା କରାଯାଇଥିବାର ଦୃଷ୍ଟିଗୋଚର ହୁଏ । ଏଥିରେ ସେମାନଙ୍କୁ କେଉଁ ରୂପରେ ଚିତ୍ରଣ କରାଯାଇଅଛି, ତଥା ସେମାନଙ୍କ ସଂସ୍କୃତିର କେଉଁସବୁ ଦିଗ ଉପରେ ଗୁରୁତ୍ୱଆରୋପ କରାଯାଇଅଛି ତାହାକୁ ନିମ୍ନ ପ୍ରକାରେ ଆଲୋଚନା କରାଯାଇପାରେ -

**ଅତିଥି ବତ୍ସଳତା** - ଆଦିବାସୀମାନଙ୍କ ସଂସ୍କୃତିର ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ସେମାନେ ଅତିଥିଙ୍କୁ 'ସ୍ୱାଗତ' କରିଥାନ୍ତି । ଏଥିପାଇଁ ହିଁ ସାନ୍ତାଳୀ ଭାଷାରେ ଏକ ଲୋକୋକ୍ତି ରହିଛି 'ପେଲାଦକ ଦାରାମ୍ ବଓ୍ୱା' ଅର୍ଥାତ୍ ଅତିଥିଙ୍କୁ ସ୍ୱାଗତ କରାଯାଏ । ଏହାର ଏକ ନମୁନା ଆମେ ଦାଣ୍ଡୀ ରାମାୟଣରେ ମଧ୍ୟ ପାଇପାରିବା-

ଦିନେ ରାମଚନ୍ଦ୍ର ଭାଇ ଲକ୍ଷ୍ମଣ ଏବଂ ମନ୍ତ୍ରୀ ପୁତ୍ର ଚିତ୍ରରଥଙ୍କ ସହ ସରଯୁ ନଦୀ ପାର ହୋଇ ଶିକାର କରିବାକୁ ଗହନ ବନରେ ବୁଲୁଥିବା ଅବସରରେ ଅନୁଜ, ବନ୍ଧୁ ଓ ସୈନ୍ୟ ସାମନ୍ତଙ୍କ ଗହଣରୁ ବିଛିନ୍ନ ହୋଇପଡ଼ି ତମସା ନଦୀ କୂଳରେ ପହଞ୍ଚିଲେ । ଅତ୍ୟନ୍ତ ଶ୍ରାନ୍ତକ୍ଳାନ୍ତ ହୋଇପଡ଼ିଥିବାରୁ ନଦୀରୁ ଜଳପାନ କରି ସେ ଏକ ବୃକ୍ଷ ଛାୟାରେ ବିଶ୍ରାମ କରୁଥିଲା ବେଳେ ନିଷାହରାଜ ଗୁହଶବରଙ୍କ ସହିତ ତାଙ୍କର ପ୍ରଥମ ସାକ୍ଷାତ ହୋଇଥିଲା । ଗୁହ ଥିଲେ ସିଂହବେଣୀ ରାଜ୍ୟର ରାଜା । ତାଙ୍କର ରାଜଧାନୀର ନାମ ଥିଲା 'ଆଶାବତୀ' ନଗର । ନିଜ ପରିଚୟ ଦେଇ ସେ ରାମଚନ୍ଦ୍ରଙ୍କ ଆଗରେ କହିଛନ୍ତି -

ବିରାୟୁଧ ପୁତ୍ର ମୁଁ ଯେ ଗୁହ ମୋର ନାମ ।
ମୁହିଁ ମୃଗୟାକୁ ଆସିଛି ଶ୍ରୀରାମ ।

(ଅଯୋଧ୍ୟା କାଣ୍ଡ)

ପ୍ରଥମ ସାକ୍ଷାତରୁ ଗୁହଙ୍କର ଚାରିତ୍ରିକ ଉତ୍କର୍ଷ ପ୍ରତିଫଳିତ ହୋଇଛି । ସେ ଅଯୋଧ୍ୟାର ଯୁବରାଜ ରାମଚନ୍ଦ୍ରଙ୍କୁ ନିଜର ଅତିଥି ଭାବେ ଗ୍ରହଣ କରିନେଇଛନ୍ତି । ଶବରମାନେ ଯେହେତୁ ଅନ୍ୟ କାହା ପାଖରୁ ଖାଦ୍ୟଦ୍ରବ୍ୟାଦି ଏତେ ସହଜରେ ଗ୍ରହଣ କରନ୍ତି ନାହିଁ । ତେଣୁ ସେହି ନ୍ୟାୟରେ ରାମଚନ୍ଦ୍ର ମଧ୍ୟ ଶବରଦତ୍ତ ଫଳକୁ ଗ୍ରହଣ କରିବେ କି ନାହିଁ ? ସନ୍ଦିହୀନ ହୋଇ ଅତ୍ୟନ୍ତ ସନ୍ତର୍ପଣତାର ସହିତ କହିଛନ୍ତି -

"ଶ୍ରମରେ କ୍ଷୁଧା ତୃଷ୍ଣା ପାଇଲ ରଘୁବଂଶୀ ।
ପକ୍ୱଫଳ ଦେବି ମୁଁ ଭୁଞ୍ଜଣ ହୁଅ ତୋଷି ॥
ବୋହିଲେଣ ପ୍ରାସ ଯେ ପାଇବ ତୁମ୍ଭ ଦେଇ ।
ଦେହ ସୁସ୍ଥ ଥିଲେ ହୋଇବ ସର୍ବଶ୍ରେୟ ॥"

ସେହିପରି ଯେତେବେଳେ ପିତୃସତ୍ୟ ପାଳନକାରୀ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହିତ ଅଯୋଧ୍ୟା ତ୍ୟାଗକରି ବନରେ ପ୍ରବେଶ କଲାବେଳେ ମଧ୍ୟ ଏପରି ଅତିଥି ପରାୟଣତାର ପରିଚୟ ମିଳିଅଛି । ରାଜକୀୟ ଥାଟରେ ଗୁହ ତାଙ୍କର ସ୍ୱାଗତ କରିଛନ୍ତି । ପିତାଙ୍କ ଆଦେଶରେ ଅଯୋଧ୍ୟାର ଭାବୀ ସମ୍ରାଟ ରାଜ୍ୟହରାଇ ବନବାସ କରିବାକୁ ଆସିଛନ୍ତି ଶୁଣି ବନ୍ଧୁବତ୍ସଳ ଶବର ରାଜ କ୍ଷୁବ୍‌ଧ ହେବା ସ୍ୱାଭାବିକ । ଏଣୁ ତାଙ୍କର ପ୍ରତିକ୍ରିୟା ହେଉଛି -

"ତୁମ୍ଭ ଆଗେ ନିୟମ କରୁଛି ରଘୁନାଥ ।
ଦିଅ ଆଜ୍ଞାମୋତେ ମୁଣ୍ଡ ଛେଦିବି ଦଶରଥ ॥
କୈକେୟୀ ଶିର ମୁଁ ପକାଇବି ହାଣି ।
ଆଜକ ରହ କାଲି ଶିବ ରଘୁମଣି ॥"

**ଶବର ସୈନ୍ୟ ସୈନ୍ୟ ସଙ୍ଘାଟ :-**

ଅନୁଜ ଭରତ ଯେତେବେଳେ ପ୍ରାଣମନ୍ତ୍ରୀ, ପରିବାର ପରିଜନ ଓ ସେନା ବାହିନୀଙ୍କ ଗହଣରେ ଅଗ୍ରଜ ରାମଚନ୍ଦ୍ରଙ୍କୁ ବନବାସରୁ ଫେରାଇବାକୁ ଯାଇଛନ୍ତି, ସେତେବେଳେ ସେ ପ୍ରଥମେ ଗୁହ ଶବରଙ୍କ ସେନାବାହିନୀର ସମ୍ମୁଖୀନ ହୋଇଛନ୍ତି । ତାହା ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି -

"ପଦାତି ବଳ ଡାକିଣ ହେଲେ ଏକମେଳ ॥
ଦଶ ସହସ୍ର ବଳଘେନି ଓଗାଳିଲା ଆସି ॥
ଭରତ ସୈନ୍ୟଙ୍କୁ ଯେ ପଡୁଛନ୍ତି ଝାମ୍ପି ॥
ଧନୁରେ ଗୁଣଦେଇ ବାଣ ଯେ ବିନ୍ଧିଲେ ॥
ଯିବାର ପଥକୁ ସେ ଯାଇ ନିରୋଧିଲେ ॥
ବିଳିବିଳା ରଡ଼ି ଦେଲେ ମେଘ ଗରଜନ ॥
ତୀର ମାର ବୋଲି ଡାକ ଛାଡ଼ନ୍ତି ଅବିଚ୍ଛନ୍ନ ॥"

ସେହିପରି ଅନ୍ୟତ୍ର ବର୍ଣ୍ଣନା କରାଯାଇଅଛି -

କାଖରେ କେଶ ବାହାର ଡ଼ିମିଡ଼ିମି ଆଖି ।
ଭଲ ଭଲ ଲୋକେ ଡରିବେ ଦେଖି ॥
ଏକ ଏକ ମୁଖରେ ନିଶ ଯେ ଲାଗଇ ।
ପିଙ୍ଗଳ ବାଇ ଦେଖିଲେ ମନ ତା ବୁଜଇ ॥

**ବେଶ ପରିପାଟୀ -** ଶବରୀମାନଙ୍କ ବେଶ ଭୂଷାର ଯେଉଁ ପରିଚ୍ୟ ମିଳେ ତାହା କେବଳ ସୈନ୍ୟମାନଙ୍କ ବର୍ଣ୍ଣନା ଅବସରରେ ପ୍ରଦତ୍ତ ହୋଇଥିବାରୁ ପୂର୍ଣ୍ଣାଙ୍ଗ କୁହାଯାଇପାରିବ ନାହିଁ । ତଥାପି ଏହି ବର୍ଣ୍ଣନାରୁ ସେମାନଙ୍କ ବେଶର ସୂଚନା ମିଳିଥାଏ । ପୁରୁଷ ଲୋକମାନେ କାନରେ ତଡ଼କି, ବଳିଆ ପ୍ରଭୃତି ଅଳଙ୍କାରମାନ ପିନ୍ଧୁଥିଲେ । ସେହିଭଳି ଲଲାଟ ଉପରେ ଗୁଞ୍ଜାରମାଳ ପିନ୍ଧିବା ସଙ୍ଗେ ସଙ୍ଗେ ମୁଣ୍ଡରେ ବିଭିନ୍ନ ପ୍ରକାର ଖୋଷା ଓ ଜୁଡ଼ା ବାନ୍ଧୁଥିଲେ । ବଣଫୁଲ ମାଳରେ ଦେହ ସଜ୍ଜିତ ହେଉଥିଲା । କଣ୍ଠରେ କଉଡ଼ି, ବାହୁରେ ଟସରର ରଙ୍ଗସୂତା, କାନ୍ଧରେ ଅଜଗର ନାମକ ଲତାର ପଇତା, ନାକମାନଙ୍କରେ ପିତ୍ତଳଗୁଣା, ବାହୁରେ ଲୁହାବଡ଼ା, ଅଣ୍ଟାରେ ଘଣ୍ଟିଘାଗୁଡ଼ି, ଗୋଡ଼ରେ ଘୁଙ୍ଗୁର,ଶରୀରରେ ରଙ୍ଗମାଟି ବଲେପନ ଆଦି ସେମାନଙ୍କର ବେଶଚର୍ଯ୍ୟାର ଆଧାର ଥିଲା । ଏହା ବଳରାମ ଦାସଙ୍କ କଳ୍ପନା ପ୍ରସୂତ ଅବା ବାସ୍ତବ ଠିକ୍ ଭାବେ କୁହାଯାଇ ନପାରିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏହି ଧରଣର ଚିତ୍ରଣ ଯେ ଏହି ସାହିତ୍ୟକୁ ବିମଣ୍ଡିତ କରିଅଛି ଏକଥା ସତ୍ୟ ।

ଏହି ପ୍ରକାରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଆଦିବାସୀ ଜନଜୀବନ ତଥା ସଂସ୍କୃତି ସମ୍ବନ୍ଧରେ ବର୍ଣ୍ଣନାମାନ ପ୍ରଦାନ କରାଯାଇଅଛି । ବିଶେଷତଃ ଏହା ସାରଳା ଦାସ କୃତ ଓଡ଼ିଆ ମହାଭରତ ଓ ବଳଦାସ କୃତ ଓଡ଼ିଆ ରାମାୟଣକୁ ଅବଲୋକନ କଲେ ସେଥିରେ ପ୍ରାୟତଃ ଶବର ଗୋଷ୍ଠୀର ଆଦିବାସୀମାନଙ୍କ ବର୍ଣ୍ଣନା ମଧ୍ୟରେ ହିଁ ଏହା ସୀମିତ ହୋଇଯାଇଅଛି । ଆଶ୍ଚର୍ଯ୍ୟର କଥା ଓଡ଼ିଶାରେ ଶବରଙ୍କୁ ଛାଡ଼ି ଆହୁରି ବହୁ ସମ୍ପ୍ରଦାୟର ଆଦିବାସୀମାନେ ଏହି ଭୂମିରେ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ଜୀବନ ଚରିତ୍ର ତଥା ସଂସ୍କୃତିର କଥା ଏହି କବିମାନେ କାହିଁକି ଉଲ୍ଲେଖ କରି ନାହାନ୍ତି ତାହା ଗବେଷଣାର ଅପେକ୍ଷା ରଖେ । ଏହାର କାରଣ ସ୍ୱରୂପ ଦୁଇଗୋଟି କଥାବସ୍ତୁକୁ ନିଆଯାଇପାରେ (୧) ବୋଧହୁଏ ସେତେବେଳର ଏହି କାବ୍ୟକାରଗଣ, ତାଙ୍କ ନିଜ ଅଞ୍ଚଳରେ ଶବର ଆଦିବାସୀମାନେ ବସବାସ କରୁଥାଇ ପାରନ୍ତି । ତେଣୁ ସେମାନେ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ହେତୁ ସେମାନଙ୍କ କଥା ହିଁ ସାହିତ୍ୟର ପରିସରଭୁକ୍ତ କରିଥିବାର ଅନୁମାନ କରାଯାଇପାରେ । (୨) ସେତେବେଳେ ଅଣ ଆଦିବାସୀମାନେ ଆଦୀବାସୀମାନଙ୍କ ସମ୍ବନ୍ଧରେ ସେମାନଙ୍କ ବିଭିନ୍ନ ସମ୍ପ୍ରଦାୟର କଥା ହୁଏତ ଅବଗତ ନଥାଇ ପାରନ୍ତି, ତେଣୁ ସମସ୍ତ ଆଦିବାସୀଙ୍କୁ ସେମାନେ ସେହି ଏକ ସମ୍ପ୍ରଦାୟ ଶବର ରୂପରେ ଗ୍ରହଣ କରିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରେ ।

ପରିତାପର ବିଷୟ ଅନେକ ସାହିତ୍ୟିକ, ଗବେଷକ ତଥା ବିଦ୍ୱାନ ବୁଦ୍ଧିଜୀବିଗଣ ଆଦିବାସୀମାନଙ୍କ ସମ୍ବନ୍ଧରେ କୌଣସି ସଠିକ୍ କଥା ନଜାଣି ସେମାନେ ତାଙ୍କର ଅନେକ ଜାଣିଛନ୍ତି ବୋଲି ଛଳନାର ଆଶ୍ରୟ ନେଇ ନିୟୁତ କିମାକାର ରୂପରେ ତାହାକୁ

ଚିତ୍ରଣ କରୁଛନ୍ତି । ବହୁକ୍ଷେତ୍ରରେ ଦେଖାଯାଉଛି ସେମାନଙ୍କୁ ଅଣଆଦିବାସୀଙ୍କ ତୁଳନାରେ ନ୍ୟୁନ ସ୍ତରର ବୋଲି ଦେଖାଇବା ସକାଶେ ଉଦ୍ୟମ କରାଯାଉଅଛି । ଏପର୍ଯ୍ୟନ୍ତ ମଧ୍ୟ ଅନେକେ ବିନା ଦ୍ୱିଧାରେ ସେମାନଙ୍କୁ ଅସଭ୍ୟ ବୋଲି କହିବାରୁ ଆଦୌ ପଶ୍ଚାଦପଦ ହୁଅନ୍ତି ନାହିଁ । ମନେହୁଏ ସତେ ଯେପରି ଏହା ତାଙ୍କର ଜନ୍ମଗତ ଅଧିକାର । କିନ୍ତୁ ! କିଛି ବୁଝିହୁଏ ନାହିଁ ଏହି ସଭ୍ୟ ଅସଭ୍ୟର ମାନଦଣ୍ଡ କ'ଣ ? ଏକଥା ସେମାନେ ଜାଣିବା ଦରକାର ନିଜ ସଂସ୍କୃତିର ମାନଦଣ୍ଡରେ ସେମାନେ ଆଦିବାସୀମାନଙ୍କୁ ଯେପରି ଅସଭ୍ୟ ବୋଲି କୁହନ୍ତି, ସେହିପରି ଆଦିବାସୀଙ୍କ ମାନଦଣ୍ଡରେ ସେମାନେ କେଉଁ ସ୍ତରର ନିଜେ ହିଁ କୁହନ୍ତି । ପୁନଶ୍ଚ କୌଣସି ସମ୍ପ୍ରଦାୟ ବା ସଂସ୍କୃତି ଉପରେ କାହାରି ଅଙ୍ଗୁଳି ନିର୍ଦ୍ଦେଶ କରିବାର ଅଧିକାର ନାହିଁ । ଆଜି ଯଦି ଭାରତୀୟ ସମାଜ ତଥା ସମଗ୍ର ପୃଥିବୀର ମାନବ ସମାଜର କଥାବସ୍ତୁକୁ ଅନୁଧ୍ୟାନ କରାଯାଏ, ଯେତେ ଏହି ଧରଣର କିଛି ଅନଧିକାର ଚର୍ଯ୍ୟାର ଯେତେବେଳେ ହୋଇଅଛି ସେତେବଳେ ନୂଆ ନୂଆ ସମସ୍ୟାମାନ ଆସି ସମାଜକୁ କଳଙ୍କିତ କରିଦେଇଅଛି । ତେଣୁ ସମସ୍ତ ସମ୍ପ୍ରଦାୟ ତଥା ଗୋଷ୍ଠୀ ନିଜନିଜକୁ ଯଥୋଚିତ ସମ୍ମାନ ପ୍ରଦାନ କଲେ, ଆଗାମୀ କାଲିର ବିଶ୍ୱହେବ ଏକ କଳଙ୍କମୁକ୍ତ ବିଶ୍ୱ ଏବଂ ସାହିତ୍ୟ ଜଗତ ହୋଇଉଠିବ ବିଶ୍ୱର ଏକ କଲ୍ୟାଣକାରି ଉପାଦାନ ରୂପରେ ।

*ଅଧ୍ୟାପକ*
*ସମ୍ବଲପୁର ବିଶ୍ୱବିଦ୍ୟାଳୟ*
*ଜ୍ୟୋତିବିହାର, ବୁର୍ଲା*